# ମଧୁରଜଳ ମତ୍ସ୍ୟ ଉତ୍ପାଦନ ବିଧି



# ମଧୁରଜଳ ମତ୍ସ୍ୟ ଉତ୍ପାଦନ ବିଧି

FOOD AND AGRICULTURE ORGANIZATION OF THE UNITED NATIONS
Rome, 2003

The designations employed and the presentation of material in this information product do not imply the expression of any opinion whatsoever on the part of the Food and Agriculture Organization of the United Nations concerning the legal status of any country, territory, city or area or of its authorities, or concerning the delimitation of its frontiers or boundaries.

ISBN 92-5-104912-2

All rights reserved. Reproduction and dissemination of material in this information product for educational or other non-commercial purposes are authorized without any prior written permission from the copyright holders provided the source is fullly acknowledged. Reproduction or material in this information product for resale or other commercial purposes is prohibited without written permission of the copyright holders. Applications for such permission should be addressed to the Chief, Publishing Management Service, Information Division, FAO, Viale delle Terme di Caracalla, 00100 Rome, Italy or by e-mail to copyright@fao.org

*Odia Translation: Dr Annada Bhusan Kar*
*Translated and Printed by the Bay of Bengal Programme*
*Inter-Governmental Organisation*
*November 2020*

©FAO 2003

# ମଧୁରଜଳ ମତ୍ସ୍ୟ ଉତ୍ପାଦନ ବିଧି

ଏହି ପୁସ୍ତକଟି ମଧୁରଜଳରୁ ମତ୍ସ୍ୟ ଉତ୍ପାଦନର ବିଶେଷ ଗୁଣ ଏବଂ ମତ୍ସ୍ୟ ସମ୍ପଦ ଓ ମତ୍ସ୍ୟ ଯୋଗାଣ ସୁରକ୍ଷିତ ଥିବା ସୁନିଶ୍ଚିତ କରିବାରେ ଜଡିତ ବିଧି ଗୁଡିକୁ ଆଲୋକିତ କରେ। ଏହା ସାଧାରଣ ପରିବେଶ ପରିଚାଳନା ଲକ୍ଷ୍ୟ ଏବଂ ନିର୍ଦ୍ଦିଷ୍ଟ ମତ୍ସ୍ୟ ଉତ୍ପାଦନ ପ୍ରଣାଳୀକୁ ବର୍ଣ୍ଣନା କରେ। ଏଥିରେ ଦର୍ଶାଯାଇଛି ଯେ ସାଧାରଣତଃ ପରିବେଶ ପରିଚାଳନା ସମ୍ବନ୍ଧୀୟ ନିଷ୍ପତ୍ତି ଗୁଡିକ ମତ୍ସ୍ୟଚାଷ ଓ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ବାହାରେ ନିଆଯାଇଥାଏ। ଏହା ମଧ୍ୟ ଲୋକମାନଙ୍କୁ ଏବଂ ପରିବେଶକୁ ଉପକୃତ କରିବା ପାଇଁ ମଧୁରଜଳରୁ ମତ୍ସ୍ୟ ଉତ୍ପାଦନକୁ କିପରି ପରିଚାଳନା କରାଯାଇପାରିବ ସେ ସମ୍ବନ୍ଧରେ ପରାମର୍ଶ ଦେଇଥାଏ। ଏହି ପୁସ୍ତକଟିରେ ପରିଚାଳନା ବିକଳ୍ପଗୁଡ଼ିକ ଉପରେ କିଛି ପରାମର୍ଶ ଦିଆଯାଇଅଛି ଯେଉଁଥିରେ ଦାଇତ୍ୱ ବଣ୍ଟନ କରିବା ପାଇଁ ଅନୁମତି ଦିଆଯାଇଅଛି।

**ପରିଚୟ**

ନଦୀ, ହ୍ରଦ, ଜଳଭଣ୍ଡାର, ଜଳାଶୟ ଏବଂ ଅନ୍ୟାନ୍ୟ ଆର୍ଦ୍ରଭୂମି ଇତ୍ୟାଦି "ମଧୁରଜଳ ପରିପୂର୍ଣ୍ଣ ଅଞ୍ଚଳ" ଭାବରେ ଜଣାଶୁଣା। ପାରମ୍ପାରିକ ଭାବରେ, ନଦୀ ଓ ହ୍ରଦରୁ ଧରାଯାଉଥିବା ମାଛଗୁଡିକ ଖାଦ୍ୟ ଏବଂ ସ୍ଥାନୀୟ ବିକ୍ରୟ କିମ୍ବା ବାଣିଜ୍ୟ ପାଇଁ ବ୍ୟବହୃତ ହେଉଥିଲା। କିନ୍ତୁ ମଧୁରଜଳରୁ ମତ୍ସ୍ୟ ଉତ୍ପାଦନର ପ୍ରଣାଳୀ ବଦଳୁଛି। ଜଳକୁ ବର୍ତ୍ତମାନ ଅନେକ ଜନ ସମୁଦାୟ ସହିତ ବଣ୍ଟାଯାଉଅଛି, ଯେଉଁମାନେ ମାଛ ଧରିବା ସହ ଜଡିତ ନୁହଁନ୍ତି। ଏହି ଗୋଷ୍ଠୀଗୁଡିକ ହେଲେ ବୃହତ ପ୍ରକଳ୍ପ ଏବଂ ଶିଳ୍ପ ଯଥା : ନଦୀବନ୍ଧ, ଖଣି ଏବଂ କୃଷି ଜଳସେଚନ ଯୋଜନା ଇତ୍ୟାଦି । ଏହି କାର୍ଯ୍ୟକଳାପଗୁଡ଼ିକ ସାଧାରଣତଃ ମାଛ ଧରିବା (ଫିସିଙ୍ଗ) କାର୍ଯ୍ୟଠାରୁ ଅଧିକ ଆୟ ଦେଇଥାଏ। କିନ୍ତୁ ଏହି ପ୍ରକଳ୍ପଗୁଡ଼ିକ ମାଛର ବାସସ୍ଥାନ ସମେତ ପ୍ରାକୃତିକ ପରିବେଶକୁ ପ୍ରଦୂଷିତ କରିଥାଏ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥାଏ। କେତେକ ସଂରକ୍ଷଣ ଗୋଷ୍ଠୀ ପରିବେଶର ପ୍ରଦୂଷଣ ବୃଦ୍ଧିରେ ପ୍ରତିକ୍ରିୟା ପ୍ରକାଶ କରି ନଦୀ ଉପରେ ପ୍ରଭାବ ପକାଉଥିବା ସମସ୍ତ କିମ୍ବା କିଛି କାର୍ଯ୍ୟକଳାପ ଉପରେ ପ୍ରତିବନ୍ଧକ ଲଗାଇବାକୁ ମତାମତ ଦିଅନ୍ତି। ଏହି ପ୍ରତିବନ୍ଧକଗୁଡିକ ବେଳେବେଳେ ମତ୍ସ୍ୟ ଉତ୍ପାଦନପାଇଁ ଲାଭ ଦାୟକ ହୁଏ, କିନ୍ତୁ ମାଛ ଧରିବାକୁ ମଧ୍ୟ ସୀମିତ କରିଦେଇଥାଏ । ଫଳସ୍ୱରୂପ, ମତ୍ସ୍ୟଜୀବୀ ସମ୍ପ୍ରଦାୟ ପାଇଁ ସମସ୍ୟା ସୃଷ୍ଟି ହୋଇଯାଇଥାଏ ।

ଯଦିଓ କିଛି ନିର୍ଦ୍ଦିଷ୍ଟ ପ୍ରଣାଳୀର ପ୍ରଚଳନ ହେବା ଆବଶ୍ୟକ ଯାହାକି ପରିବେଶର କ୍ଷତି କମ କରିଥାଏ ଓ ମତ୍ସ୍ୟ ଉତ୍ପାଦନକୁ ବଢାଇଥାଏ, ତଥାପି ମାଛ ଧରିବା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀ ମାନେ ସାଧାରଣତଃ ମଧୁର ଜଳର ପରିଚାଳନା ପଦ୍ଧତି ନିର୍ଣ୍ଣୟ କରିବା ପାଇଁ ପର୍ଯ୍ୟାପ୍ତ ପ୍ରଭାବ ପକାଇ ପାରନ୍ତି ନାହିଁ। ଯେହେତୁ ସରକାର ଏବଂ ବିକାଶକାରୀମାନେ ବିଶ୍ୱାସ କରନ୍ତି ଯେ ମଧୁରଜଳକୁ ମତ୍ସ୍ୟ ଉତ୍ପାଦନ ବ୍ୟତିତ ଅନ୍ୟ ବ୍ୟବହାର ମାଧ୍ୟମରେ ଅଧିକ ଅର୍ଥ ଏକ ଅଞ୍ଚଳକୁ ଆସିଥାଏ, ତେଣୁ ମତ୍ସ୍ୟଜୀବୀମାନଙ୍କୁ କମ୍ ଗୁରୁତ୍ୱ ଦିଆଯାଇଥାଏ ଏବଂ ସେମାନଙ୍କର କାର୍ଯ୍ୟକଳାପକୁ ପ୍ରାୟତଃ କମ୍ ପ୍ରାଧାନ୍ୟ ଦିଆଯାଏ ଏବଂ ମଧୁରଜଳରୁ ମତ୍ସ୍ୟ ଉତ୍ପାଦନର ପ୍ରକୃତ ମୂଲ୍ୟ ଜଣା ନାହିଁ କହିଲେ ଚଳେ। ମତ୍ସ୍ୟଜୀବୀ ସମୁଦାୟ ସମେତ ମଧୁରଜଳର ଚତୁର୍ଦ୍ଦିଗରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଆବଶ୍ୟକତା ବିଚାର କରାଯିବା ଦରକାର ଏବଂ ସମସ୍ତ ଅଧିବାସୀ ମଧୁରଜଳରେ ଗଚ୍ଛିତ ଥିବା ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ଦାୟିତ୍ୱବାନ ହେବା ଆବଶ୍ୟକ।



**ମଧୁରଜଳରୁ ମତ୍ସ୍ୟ ଉତ୍ପାଦନର ପରିବେଶ**

ଯଦି ଦେଶଗୁଡିକ ଏକ ଦାଇତ୍ୱପୂର୍ଣ୍ଣ ଉପାୟରେ କାର୍ଯ୍ୟ କରିବାକୁ ଚାହାଁନ୍ତି ତେବେ ସେମାନେ ମାଛମାନଙ୍କର ବାସସ୍ଥାନ ଏବଂ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ ଅର୍ଥାତ୍ ପରିବେଶ କୁ ବିନାଶ ଏବଂ ପ୍ରଦୂଷଣରୁ ରକ୍ଷା କରିବା ଉଚିତ। ସେମାନେ ମଧ କାର୍ଯ୍ୟ ଗୁଡିକର  ଯୋଜନା ଏପରି ଭାବରେ କରିବା ଉଚିତ ଯେପରି ମାନବକୃତ କାର୍ଯ୍ୟକଳାପରୁ କ୍ଷତି ସର୍ବନିମ୍ନ ହେବ। ଯେତେବେଳେ ଆମେ ମଧୁରଜଳରେ ଥିବା  ମତ୍ସ୍ୟସମ୍ପଦର "ପରିଚାଳନା" ବିଷୟରେ ଆଲୋଚନା କରୁ, ସେତେବେଳେ ଆମେ ପ୍ରକୃତରେ ସେହି ସବୁ ଯୋଜନା ଉପରେ ଆଲୋଚନା କରୁ ଯାହାଦ୍ୱାରା ନଦୀ, ହ୍ରଦ ଏବଂ ଏହାର ଆଖପାଖ ଭୂଭାଗ ଗୁଡିକୁ  କିପରି ବ୍ୟବହାର କରାଯାଇପାରିବ।

ପରିବେଶର ସୁରକ୍ଷା ପାଇଁ ନୀତି ପ୍ରସ୍ତୁତ କରିବା ସାଧାରଣତଃ କେନ୍ଦ୍ର ସରକାରଙ୍କର ଦାଇତ୍ୱ ଅଟେ। ବେଳେବେଳେ ଏହି ଦାୟିତ୍ୱ ଜାତୀୟ ସୀମା ବାହାରେ ବିସ୍ତାରିତ ହୋଇଥାଏ କାରଣ ନଦୀ କିମ୍ବା ହ୍ରଦ ଅନେକ ଦେଶ କିମ୍ବା ଜାତୀୟ ସୀମା ଅତିକ୍ରମ କରିଥାନ୍ତି। ଯେତେବେଳେ ଏଭଳି ସ୍ଥିତି ଆସେ ସେତେବେଳେ ଦେଶଗୁଡ଼ିକ ମଧ୍ୟରେ ଆନ୍ତର୍ଜାତୀୟ ସହଯୋଗ ରହିବା ଆବଶ୍ୟକ।

ଯେଉଁ ସମୟରେ ଅନ୍ୟ ଦେଶମାନଙ୍କ ସହ ସହଭାଗିତା ଥିବା ଜଳରେ ମତ୍ସ୍ୟ ପ୍ରକଳ୍ପଗୁଡିକ ବିଦ୍ୟମାନ ଥାଏ, ସେତେବେଳେ ଗୋଟିଏ ଦେଶର ମତ୍ସ୍ୟ ଉତ୍ପାଦନ କାର୍ଯ୍ୟକଳାପ ଅନ୍ୟ ଦେଶର ସେହି କାର୍ଯ୍ୟକଳାପ ଉପରେ ପ୍ରଭାବ ପକାଇ ଥାଏ, ଫଳରେ ଆନ୍ତର୍ଜାତୀୟ ଚୁକ୍ତିନାମାର ଆବଶ୍ୟକ ହୋଇଥାଏ। ଉଦାହରଣ ସ୍ୱରୂପ, ଯଦି ଉପରମୁଣ୍ଡରେ ଥିବା ଜଳରେ ମାତ୍ରାଧିକ ମାଛ ଧରାଯାଏ, ଯଦି ପରିବେଶ ଅତ୍ୟଧିକ ପ୍ରଦୂଷିତ ହୁଏ କିମ୍ବା ନଦୀବନ୍ଧ ଗୁଡ଼ିକ ନଦୀର ଉପର ଏବଂ ତଳ ମୁଣ୍ଡ ରୁ ମାଛର ଗତିକୁ ଅବରୋଧ କରନ୍ତି, ତେବେ ତଳମୁଣ୍ଡରେ ଅବସ୍ଥିତ ଦେଶଗୁଡିକରେ ପ୍ରବାସୀ ମାଛ ଆଉ ଦେଖାଯିବେ ନାହିଁ । ମଧୁର ଜଳର ଅଂଶୀଦାରୀ ଦେଶମାନଙ୍କର ଏହା ଦାଇତ୍ୱ ଅଟେ ଯେ ସେମାନେ ଏହି ଜଳଭାଗ ଗୁଡିକୁ ବ୍ୟବହାର କରିବାରେ ଆନ୍ତର୍ଜାତୀୟ ନିୟମ ଏବଂ ଚୁକ୍ତିନାମା ଅନୁସରଣ କରିବା ନିହାତି ଜରୁରୀ । ଏହା ସଫଳ ହେବା ପାଇଁ, ଉଭୟ ମଧୁର ଜଳର ବ୍ୟବହାର ସମ୍ବନ୍ଧୀୟ ଆନ୍ତର୍ଜାତୀୟ ଚୁକ୍ତିନାମା ଏବଂ ଘରୋଇ ନୀତି ଗୁଡିକ, ବିକାଶ କାର୍ଯ୍ୟକଳାପ କିପରି ପ୍ରାକୃତିକ ପରିବେଶ ଉପରେ ପ୍ରଭାବ ପକାଇଥାଏ ତାହା ଉପରେ ଆଧାରିତ ହେବା ଉଚିତ।

ଯେତେବେଳେ ନଦୀବନ୍ଧ, ଖଣି କିମ୍ବା କୃଷି ପରି ବୃହତ ପ୍ରକଳ୍ପର ଯୋଜନା ପ୍ରସ୍ତୁତ କରାଯାଏ, ସେତେବେଳେ ମଧୁରଜଳରୁ ମତ୍ସ୍ୟ ଉତ୍ପାଦନ ବିଷୟକୁ ବିଚାରକୁ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମଧୁରଜଳର ବିଭିନ୍ନ ବ୍ୟବହାର ପରିବେଶ ଉପରେ କିପରି ପ୍ରଭାବ ପକାଇବ ତାହା ପୂର୍ବାନୁମାନ କରିବା ଯଦିଓ କଷ୍ଟସାଧ୍ୟ ତେବେ ପରିବେଶ ପ୍ରଭାବ ଆକଳନ ପରି ଅଧ୍ୟୟନ କରି ପରିବେଶ କ୍ଷତିର ପରିମାଣ ଆକଳନ କରିବାକୁ ଦେଶମାନେ ଯଥାସମ୍ଭବ ଉଦ୍ୟମ କରିବା ଉଚିତ। ବିକାଶମୂଳକ ପ୍ରକଳ୍ପ ଗୁଡିକର ଫଳାଫଳ ସ୍ୱରୂପ ହେଉଥିବା ଜୈବିକ ଓ ସାମାଜିକ ପରିବର୍ତ୍ତନଗୁଡ଼ିକୁ ଚିହ୍ନଟ କରିବା ପାଇଁ ଏହିପରି ଅଧ୍ୟୟନଗୁଡ଼ିକର ପରିକଳ୍ପନା କରାଯାଇଥାଏ। ଏହାର ପ୍ରଭାବ ଚିହ୍ନଟ ହେବା ପରେ, ଏକ ପ୍ରକଳ୍ପକୁ ବାତିଲ କରାଯାଇପାରେ କିମ୍ବା ସଂଶୋଧନ କାର୍ଯ୍ୟ ଯୋଜନା କରାଯାଇପାରେ। ଉଦାହରଣ ସ୍ୱରୂପ, ଏକ ଶିଳ୍ପ ପ୍ରକଳ୍ପର ନକାରାତ୍ମକ ପ୍ରଭାବ, ସେହି ପ୍ରକଳ୍ପଜନିତ ହେଉଥିବା ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଏବଂ ମତ୍ସ୍ୟଜୀବୀଙ୍କ ପୁନଃ ଥଇଥାନ ପାଇଁ ପଦକ୍ଷେପ ନେବା ଦ୍ୱାରା ଏହି ସମସ୍ୟାର ସମାଧାନ କରାଯାଇପାରିବ।

"ପ୍ରଭାବ ମୂଲ୍ୟାଙ୍କନ" ବିଷୟରେ ଆଲୋଚନା କରିବାବେଳେ କେବଳ ଗୋଟିଏ ପ୍ରକଳ୍ପରୁ ପରିବେଶ ଉପରେ ପଡୁଥିବା ପ୍ରଭାବ ଉପରେ ଧ୍ୟାନ ଦେବା ଉଚିତ ନୁହେଁ । ବରଂ ଯଥାସମ୍ଭବ ପ୍ରକଳ୍ପ ଗୁଡିକର

ସାମୂହିକ ପ୍ରଭାବକୁ ଆକଳନ କରିବା ଉଚିତ। ଅନ୍ୟ ଅର୍ଥରେ କହିବାକୁ ଗଲେ, ସମସ୍ତ କାର୍ଯ୍ୟକଳାପ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଥିବା ସ୍ଥାନୀୟ ସମସ୍ତ ଜୈବିକ ଉତ୍ସ ଏବଂ ସ୍ଥାନୀୟ ଜନସଂଖ୍ୟା ଉପରେ କିପରି ପ୍ରଭାବ ପକାଇବ ଏହାର ଅଧ୍ୟୟନ ହେବା ଜରୁରୀ । ଏହି ଅଧ୍ୟୟନଗୁଡିକ କେନ୍ଦ୍ର ସରକାର କିମ୍ବା ସ୍ଥାନୀୟ ପ୍ରକଳ୍ପ ପରିଚାଳକମାନଙ୍କ ଦ୍ୱାରା କରାଯିବା ଉଚିତ।

ମତ୍ସ୍ୟ ଉତ୍ପାଦନର କାର୍ଯ୍ୟ ପ୍ରଣାଳୀକୁ ସୁରକ୍ଷିତ ରଖିବା ପାଇଁ ଗୋଟିଏ ଉପାୟ ହେଉଛି ଯେ ଏଭଳି ଯୋଜନା ପ୍ରସ୍ତୁତ କରିବା ଯାହାକି ମଧୁରଜଳ ସମ୍ପଦକୁ ବ୍ୟବହାର କରୁଥିବା ସମସ୍ତ ଅଂଶୀଦାର ଙ୍କ ଆବଶ୍ୟକତା ପୂରଣ କରି ପାରୁଥିବ । ବ୍ୟକ୍ତିଗତ ଭାବରେ ମତ୍ସ୍ୟଜୀବୀ କିମ୍ବା ଅନ୍ୟ "ଅଂଶୀଦାର"(ଅର୍ଥାତ୍ ମଧୁରଜଳରୁ ମତ୍ସ୍ୟ ଉତ୍ପାଦନ ସହିତ ଜଡ଼ିତ ବ୍ୟକ୍ତିବିଶେଷ ) ମାନଙ୍କର ପରିବେଶରେ ହେଉଥିବା ପରିବର୍ତ୍ତନ ବିଷୟରେ ନିଜର ମତ ଏବଂ ଚିନ୍ତାଧାରାକୁ ପ୍ରକାଶ କରିବାପାଇଁ ଏକ ମାଧ୍ୟମ ଭାବରେ ସଂଗଠନ ଗୁଡିକର ଗଠନ କରାଯିବା ଉଚିତ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ସମ୍ପର୍କିତ ବୈଠକରେ ଅଂଶୀଦାରମାନଙ୍କୁ ଯୋଗଦେବାକୁ ଉତ୍ସାହିତ କରାଯିବା ଉଚିତ ଏବଂ ସେମାନଙ୍କୁ ସ୍ଥାନୀୟ ମତ୍ସ୍ୟ ଉତ୍ପାଦନକୁ ପ୍ରଭାବିତ କରୁଥିବା କାର୍ଯ୍ୟକଳାପ ବିଷୟରେ ହେଉଥିବା ଅଧ୍ୟୟନ ଏବଂ ଏହାର ବିବରଣୀ ଗୁଡିକ ପ୍ରାପ୍ତ ହେବା ଉଚିତ। ପ୍ରାଥମିକତା ଭାବରେ ମଧୁରଜଳର ବ୍ୟବହାର ପାଇଁ ସହମତ ହୋଇଥିବା ଅଣ-ମତ୍ସ୍ୟ ପ୍ରକଳ୍ପ ଏବଂ ମତ୍ସ୍ୟଜୀବୀ କିମ୍ବା ସେମାନଙ୍କର ପ୍ରତିନିଧିମାନେ ଏହି ସଂଗଠନଗୁଡ଼ିକରେ ଅଂଶଗ୍ରହଣ କରିବା ଉଚିତ। ସେହିଭଳି, ମତ୍ସ୍ୟ ପରିଚାଳକମାନେ ମତ୍ସ୍ୟବୃତ୍ତି ଯୋଜନା ବିଷୟରେ ଅନ୍ୟ ପ୍ରକଳ୍ପରେ ଜଡିତ ଲୋକଙ୍କ ସହିତ ସୂଚନାର ଆଦାନ ପ୍ରଦାନ କରିବା ଜରୁରୀ ।



ମତ୍ସ୍ୟ ପରିଚାଳକମାନେ ସାଧାରଣତଃ ମଧୁରଜଳର ଅନ୍ୟ ଉପଭୋକ୍ତାମାନେ କରୁଥିବା ଯୋଜନା ବିଷୟରେ ନିଷ୍ପତ୍ତି ନିଅନ୍ତି ନାହିଁ ଏବଂ ଏହା ପରିବେଶ ଉପରେ ପ୍ରଭାବ ପକାଇଥାଏ । ତଥାପି, ଯେତେବେଳେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କିମ୍ବା ନୂତନ ପ୍ରଜାତିର ମାଛର ପରିଚୟ ଦେବା ପାଇଁ ପଦକ୍ଷେପ ନିଆଯାଏ, ପରିଚାଳକମାନେ ସେମାନଙ୍କର ସ୍ଥାନୀୟ ସମ୍ପ୍ରଦାୟର ପ୍ରାକୃତିକ ପରିବେଶକୁ ପ୍ରଭାବିତ କରୁଥିବା ନିଷ୍ପତ୍ତି ନିଅନ୍ତି । ଦାଇତ୍ୱପୂର୍ଣ୍ଣ ଭାବେ ମତ୍ସ୍ୟପରିଚାଳନାରେ ମତ୍ସ୍ୟ ଉତ୍ପାଦନର ସ୍ୱାର୍ଥ ରକ୍ଷା କରିବାକୁ ଚେଷ୍ଟା କରାଯାଏ ଏବଂ ନିଜସ୍ୱ କାର୍ଯ୍ୟକଳାପର ଅବାଞ୍ଛିତ ପ୍ରଭାବକୁ ମଧ୍ୟ କମ୍ କରିବାକୁ ଚେଷ୍ଟା କରାଯାଏ।

**ମଧୁରଜଳ ମତ୍ସ୍ୟ ଉତ୍ପାଦନରେ ଉନ୍ନତି ଆଣିବା**

ମଧୁରଜଳରେ ଉପଲବ୍ଧ ମାଛର ଆକାର ଏବଂ ସଂଖ୍ୟା ବୃଦ୍ଧି ପାଇଁ ପରିକଳ୍ପିତ କାର୍ଯ୍ୟକଳାପ ଦ୍ୱାରା ମତ୍ସ୍ୟବୃତ୍ତିର ଅଭିବୃଦ୍ଧି ଘଟିଥାଏ। ବିଲୁପ୍ତ ପ୍ରଜାତିର ସଂରକ୍ଷଣ ତଥା ବିଶେଷ ମୂଲ୍ୟବାନ ମାଛର ଉତ୍ପାଦନ ବୃଦ୍ଧି ମଧ ଏଥିର ଅନ୍ତର୍ଭୁକ୍ତ। ମତ୍ସ୍ୟବୃତ୍ତିର ଅଭିବୃଦ୍ଧି ସମଗ୍ର ବିଶ୍ୱରେ ଏକ ସାଧାରଣ ବିଷୟ ହୋଇପାରିଛି, ବିଶେଷକରି ସେହି ସ୍ଥାନମାନଙ୍କରେ ଯେଉଁଠି ଅଣମତ୍ସ୍ୟବୃତ୍ତି ଗୁରୁତ୍ୱପୂର୍ଣ୍ଣ ପ୍ରଜାତିର ମାଛମାନଙ୍କ ପାଇଁ ବିପଦ ହେଇଛି କିମ୍ବା ସେମାନଙ୍କୁ ବିଲୋପ କରିଛି ଅଥବା ଯେଉଁଠାରେ ଅଧିକ ମାଛର ଆବଶ୍ୟକତା ରହିଛି।

ମତ୍ସ୍ୟବୃତ୍ତିର ଅଭିବୃଦ୍ଧି ପାଇଁ ଅନେକ ଉପାୟ ଅଛି। ମାଛର ଯୋଗାଣ ବୃଦ୍ଧି ପାଇଁ ଚାରା ରୋପଣ (ଷ୍ଟକିଙ୍ଗ) କିମ୍ବା ଜଳାଶୟରେ ମାଛ ଛାଡିବା ଇତ୍ୟାଦି ଉପାୟ କରାଯାଇପାରେ। ଅନୁକୂଳ ପ୍ରଜାତିର ମାଛର ଅଭିବୃଦ୍ଧିକୁ ଉତ୍ସାହିତ କରିବା ପାଇଁ କିମ୍ବା ଜଳାଶୟ ରେ ଏକ ପ୍ରଜାତିର ମାଛକୁ ନବପ୍ରବର୍ତ୍ତନ କରାଇବା ପାଇଁ ମଧ ଚାରା ରୋପଣ କରାଯାଏ। ଯେତେବେଳେ ମଧୁରଜଳରେ ଚାରା ରୋପଣ କରାଯାଉଥିବା ମାଛ ଅନ୍ୟଏକ ଜଳକୃଷି ଚାରା ଉତ୍ପତ୍ତିଶାଳା (ଆକ୍ୱାକଲଚର ହ୍ୟାଚେରି)ରୁ ଆସେ, ତାକୁ ମତ୍ସ୍ୟଚାଷ ଆଧାରିତ ମତ୍ସ୍ୟ ଉତ୍ପାଦନ କୁହାଯାଏ। କେତେକ ଅଞ୍ଚଳରେ ଯାଆଂଳ ବା ଛୋଟ ମାଛକୁ ସେମାନଙ୍କର ପ୍ରାକୃତିକ ଜଳରୁ ବାହାର କରାଯାଇ ପୋଖରୀରେ ପାଳନ କରାଯାଏ ଓ ପୋଖରୀରେ ମାଛ ମାନଙ୍କ ପାଇଁ ପୋଷକ ତତ୍ତ୍ୱରେ ପରିପୂର୍ଣ ଖାଦ୍ୟ ଦିଆ ଯାଇଥାଏ। ଏହି ପୋଖରୀଗୁଡ଼ିକରେ ମାଛଗୁଡ଼ିକୁ "ଚାଷ" କରାଯାଏ। ମାଛର ଉତ୍ପତ୍ତି ସମ୍ବନ୍ଧୀୟ (ଜେନେଟିକ) ପରିବର୍ତ୍ତନ କରିବା ସମ୍ଭବ ଅଟେ (ପ୍ରଜନନ ପାଇଁ ଉତ୍କୃଷ୍ଟ ମାଛ ବାଛିବା କିମ୍ବା ସେମାନଙ୍କ କ୍ରୋମୋଜୋମକୁ ବ୍ୟବହାର କରିବା) ଉଦାହରଣ ସ୍ୱରୂପ, ଉନ୍ନତ ଅଭିବୃଦ୍ଧି କିମ୍ବା ରୋଗ ପ୍ରତିରୋଧ ଶକ୍ତି କୁ ପ୍ରୋତ୍ସାହିତ କରିବା। ପରିଶେଷରେ, ଚାଷ ହୋଇଥିବା ମାଛକୁ ଖାଦ୍ୟ ପାଇଁ ଅମଳ କରାଯାଏ କିମ୍ବା ସେମାନଙ୍କୁ ସେମାନଙ୍କର ମୂଳ ବସତି ଜଳରେ ଛାଡି ଦିଆଯାଇଥାଏ ।

ପାରମ୍ପାରିକ ଜ୍ଞାନ ଏବଂ ଅଭ୍ୟାସ ମାଧ୍ୟମରେ ଯଥା ଜଳାଶୟରେ ବୁଦା କିମ୍ବା ଉଦ୍ଭିଦ ରଖି ପ୍ରାକୃତିକ ମତ୍ସ୍ୟସଂଖ୍ୟାକୁ ବୃଦ୍ଧି କରାଯାଇପାରିବ। ଏହି ଅଭ୍ୟାସଗୁଡିକ ଜଟିଳ ଏବଂ ମୁଖ୍ୟତଃ ପ୍ରତିଷ୍ଠିତ ତଥା ଗ୍ରହଣୀୟ ସାମୁଦାୟିକ ମୂଲ୍ୟ ଏବଂ ବିଶ୍ୱାସ ଉପରେ ଆଧାରିତ ହୋଇଥାଏ। ଯଦି ଚାରା ରୋପଣ କରାଯାଇଥିବା ମାଛଗୁଡିକ ଅମଳ ହେବା ପର୍ଯ୍ୟନ୍ତ (ଅର୍ଥାତ୍ ମାଛ ଅମଳ ପାଇଁ ପରିପକ୍ୱ ହେବାକୁ ଆବଶ୍ୟକ କରୁଥିବା ସମୟ) ଏକ ବ୍ୟକ୍ତି କିମ୍ବା ଗୋଷ୍ଠୀର (ଅର୍ଥାତ୍ "ପାଳକ") ମାଲିକାନା ଭାବରେ ଗ୍ରହଣ କରାଯାଏ, ଏହି ଅଭ୍ୟାସଗୁଡିକ ଜଳକୃଷି ଭାବରେ ବିବେଚନା କରାଯାଏ। ଏ ସମସ୍ତ ଅଭ୍ୟାସ ବିଶ୍ୱର ଅନେକ ସ୍ଥାନରେ ଜଳଜାତ ଦ୍ରବ୍ୟ ଉତ୍ପାଦନ ପ୍ରଣାଳୀର ଏକ ଅଂଶ ଏବଂ ଏଗୁଡିକ ଖାଦ୍ୟ ସୁରକ୍ଷା ଏବଂ ଗ୍ରାମୀଣ ଜୀବିକାକୁ ସହଯୋଗ କରନ୍ତି।

ପ୍ରାକୃତିକ ଜଳ କିମ୍ବା ଜଳକୃଷି ହେଉଥିବା ପୋଖରୀରେ ଚାରା ରୋପଣ କରା ଯାଇଥିବା ମାଛ ବ୍ୟତୀତ କେତେକ ପ୍ରଜାତିର ମାଛ ଅଳଙ୍କାରିକ (ରଙ୍ଗୀନ) ମତ୍ସ୍ୟ ବ୍ୟବସାୟ ପାଇଁ ବ୍ୟବହୃତ ହୋଇଥାନ୍ତି। ଖାଦ୍ୟ ପାଇଁ ବ୍ୟବହୃତ ହେବା ପରିବର୍ତ୍ତେ, ଏହି ମାଛଗୁଡିକ ପ୍ରଦର୍ଶନ ପାଇଁ ବିକ୍ରି ହୁଏ, ଯାହା ଆମେ ଉଦ୍ୟାନ କିମ୍ବା ଆକ୍ୱାରିୟମରେ ଦେଖିଥାଏ।

ସୁସ୍ଥ ମତ୍ସ୍ୟଭଣ୍ଡାର, ମତ୍ସ୍ୟଜୀବୀ ସମ୍ପ୍ରଦାୟର ଲୋକଙ୍କ ପାଇଁ ଉତ୍ତମ ଖାଦ୍ୟ ଏବଂ ଆୟ ବୃଦ୍ଧି କରିଥାଏ। ତଥାପି, ଅଭିବୃଦ୍ଧି କାର୍ଯ୍ୟକଳାପ, ପ୍ରାକୃତିକ ମତ୍ସ୍ୟ ଯୋଗାଣ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ବେଳେବେଳେ ନୂତନ ପ୍ରଜାତିଗୁଡିକର ମାଛ ମାନଙ୍କର ନବପ୍ରବର୍ତ୍ତନ ଦ୍ୱାରା, ମୂଳ(ଦେଶୀ) ପ୍ରଜାତିଗୁଡିକ ମରିଯାଆନ୍ତି। ଅଧିକାଂଶ ସ୍ଥାନରେ ମାନବକୃତ କାର୍ଯ୍ୟକଳାପ ଦ୍ୱାରା ପରିବର୍ତ୍ତିତ ପରିବେଶର ସଂରକ୍ଷଣ ପ୍ରୟାସ, ଜୈବିକ ଉତ୍ସଗୁଡ଼ିକର ପୁନଃପ୍ରତିଷ୍ଠା “ଦୀର୍ଘ ସ୍ଥାୟୀ” (ଅର୍ଥାତ୍ ଉତ୍ସଗୁଡ଼ିକୁ କ୍ଷତି ନପହଞ୍ଚାଇ ଦୀର୍ଘ ସମୟ ଧରି ବ୍ୟବହାର କରିବା) ଉପରେ ଧ୍ୟାନ ଦେବାକୁ ହୋଇଥାଏ। ଅଭିବୃଦ୍ଧିମୂଳକ କାର୍ଯ୍ୟକଳାପ ଉପରେ ଅଧ୍ୟୟନ କରାଯିବା ଉଚିତ ଏବଂ ଅନୁପଯୁକ୍ତ ପ୍ରଜାତିର ପ୍ରବେଶ କ୍ଷତିକାରକ ସାବ୍ୟସ୍ତ ହେଲେ ଏହାକୁ ବାଦଦେବା ଉଚିତ।



ବିଶ୍ୱର ଅଧିକାଂଶ ମଧୁରଜଳ ଅଞ୍ଚଳ କେବେହେଲେ ପୂର୍ବଅବସ୍ଥାକୁ ଫେରି ଆସିବ ନାହିଁ। ଯେତେବେଳେ ଏକ ବନ୍ଧ ନିର୍ମାଣ ହୁଏ, ଆର୍ଦ୍ରଭୂମି ନିଷ୍କାସିତ ହୁଏ, ନଦୀ ଗୁଡିକର ଗତିପଥରେ ପରିବର୍ତ୍ତନ ହୁଏ, ହ୍ରଦ ପ୍ରଦୂଷିତ ହୁଏ କିମ୍ବା ଏକ ନୂତନ ପ୍ରଜାତିର ମାଛ ଜଳରାଶିରେ ପ୍ରବେଶ କରେ, କ୍ଷତିକାରକ କାର୍ଯ୍ୟକଳାପ ବନ୍ଦ ହେଲେ ମଧ୍ୟ ମୂଳସ୍ଥିତିକୁ ପୁନଃସ୍ଥାପିତ କରିବା କଷ୍ଟକର। ଏହି ଅଞ୍ଚଳର କିଛି ପ୍ରାକୃତିକ ବୈଶିଷ୍ଟ୍ୟଗୁଡିକ ପାଇଁ ପୁନଃଥଇଥାନ ଆବଶ୍ୟକ ହୋଇପାରେ। ଏହାର ଅର୍ଥ ହେଉଛି ଜଳକୁ ଏହାର ପ୍ରାକୃତିକ ସ୍ଥିତି ଭଳି ଅବସ୍ଥାକୁ ଫେରାଇ ଆଣିବା ପାଇଁ ପ୍ରୟାସ କରାଯିବା ଉଚିତ ଯେଉଁଥିରେ ମାଛ ବଞ୍ଚିପାରେ।

ଯେତେବେଳେ ଏକ ଶିଳ୍ପାୟନ କିମ୍ବା ଦିଶାଜ୍ଞାନ  (ନାଭିଗେସନ୍) ପ୍ରୋଜେକ୍ଟ ଦ୍ୱାରା ଏକ ନଦୀ କୃତ୍ରିମ ଭାବରେ ସିଧା ହୋଇଗଲା, ସେତେବେଳେ ଅନେକ ସଂଶୋଧନ ପଦକ୍ଷେପ ନିଆଯାଇପାରେ। ଏହି ପଦକ୍ଷେପଗୁଡିକ ହେଲା  ନଦୀ କୂଳରେ ବଡ ବଡ ପଥର (ବୋଲ୍ଡର୍) ପକାଇବା ଏବଂ ସ୍ୱତନ୍ତ୍ର ଉଦ୍ଭିଦ ସବୁଜିମା ସୃଷ୍ଟିକରିବା ଭଳି କାର୍ଯ୍ୟଠାରୁ ଆରମ୍ଭ କରି ନଦୀରେ କୃତ୍ରିମ ଦ୍ୱୀପପୁଞ୍ଜ ସୃଷ୍ଟି କରିବା ଇତ୍ୟାଦି। ଯେଉଁ ଅଞ୍ଚଳରେ ମାଛମାନେ ନଦୀ ଧାରା ର  ଅନୁକୂଳ କିମ୍ବା ପ୍ରତିକୂଳ ଦିଗରେ ଯା-ଆସ କରିଥାନ୍ତି କିନ୍ତୁ ଏକ ନଦୀବନ୍ଧ  କିମ୍ବା ଅନ୍ୟାନ୍ୟ ଢାଞ୍ଚା ଏହାର ପ୍ରତିବନ୍ଧକ ପାଲଟିଯାଏ, ସେଠାରେ ମାଛର ଯା-ଆସକୁ କିମ୍ବା ଚାରିପାଖରେ ପହଁରିବା ପାଇଁ ମାଛ-ପାସ୍, ଲକ୍ ଏବଂ ବାଇପାସ୍ ନାଳୀ ପ୍ରଣାଳୀ (ଚାନେଲ) ଗୁଡିକ ନିର୍ମାଣ କରାଯାଇପାରେ। ଯଦି ନିକଟସ୍ଥ ବନ୍ୟାଜଳ ପରିବ୍ୟାପ୍ତ  ଅଞ୍ଚଳ ଯେଉଁଠାରେ ମାଛମାନେ ରୁହନ୍ତି ଓ ଅଣ୍ଡା ଦିଅନ୍ତି ଏହାକୁ ନଦୀର ପ୍ରାକୃତିକ ନାଳୀ ପ୍ରଣାଳୀ (ଚ୍ୟାନେଲ) ରୁ ସ୍ଥାୟୀଭାବରେ କାଟିଦିଆଯାଇଥାଏ, ତେବେ ନଦୀ ଜଳ ପ୍ରବାହିତ ହେବା ପାଇଁ ଏବଂ ମାଛକୁ ନଦୀ ଏବଂ ବନ୍ୟା ଜଳ ପରିବ୍ୟାପ୍ତ  ଅଞ୍ଚଳ ମଧ୍ୟରେ ଯା-ଆସ କରିବାପାଇଁ ଓ ଅଣ୍ଡା ଦେବାପାଇଁ ଲେଭିସ(Levees) ପରି କୃତ୍ରିମ ନିର୍ମାଣ  ଅପସାରଣ କରାଯିବା ଉଚିତ ।

ସେହିଭଳି ପ୍ରଦୂଷିତ ନଦୀ ଓ ହ୍ରଦଗୁଡ଼ିକରେ ଜଳର ଗୁଣବତ୍ତା ଉନ୍ନତ ହୋଇପାରିବ। ପ୍ରଦୂଷଣ ଯେପରିକି କାରଖାନାର ବର୍ଜ୍ୟବସ୍ତୁ, ଯାହା ମତ୍ସ୍ୟଭଣ୍ଡାର ପ୍ରତି ବିପଦ ସୃଷ୍ଟି କରେ, ତାହା ବର୍ଜ୍ୟଜଳ ବିଶୋଧନ କାରଖାନା ନିର୍ମାଣ କରି ବିଶୋଧନ କରାଯାଇପାରିବ।

***

ଖାଦ୍ୟ ପାଇଁ ମତ୍ସ୍ୟ ଉତ୍ପାଦନର ବିକାଶ ବ୍ୟତୀତ ଅନେକ ଦେଶ ବର୍ତ୍ତମାନ ସେମାନଙ୍କର କିଛି ମଧୁରଜଳ ଅଞ୍ଚଳକୁ ମନୋରଞ୍ଜନ ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି। ଏହି ମନୋରଞ୍ଜନ କ୍ଷେତ୍ରରେ, ବ୍ୟକ୍ତିବିଶେଷ ଖାଦ୍ୟ ପାଇଁ ମାଛ ଧରନ୍ତି ଏବଂ ଏହି ଧରାଯାଇଥିବା ମାଛ ବ୍ୟବସାୟିକ ବିକ୍ରୟ ପରିବର୍ତ୍ତେ ବ୍ୟକ୍ତିଗତ ବ୍ୟବହାର ପାଇଁ ସଂରକ୍ଷିତ ରଖା ଯାଇଥାଏ। ମନୋରଞ୍ଜନ ପାଇଁ ମତ୍ସ୍ୟ ଉତ୍ପାଦନ, ମଧୁରଜଳ ଅଂଶୀଦାରୀ ସମ୍ପ୍ରଦାୟକୁ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଏବଂ ଆର୍ଥିକ ଲାଭ ପ୍ରଦାନ କରିଥାଏ । ମନୋରଞ୍ଜନଧର୍ମୀ ମତ୍ସ୍ୟଜୀବୀମାନେ ଲାଇସେନ୍ସ ଏବଂ ଅଞ୍ଚଳକୁ ପ୍ରବେଶ, ମାଛଧରା ଜାଲ ଓ ଯନ୍ତ୍ର (ଫିଶିଙ୍ଗ ଗିୟର୍) , ପରିବହନ ଏବଂ ରହଣି ପାଇଁ ଟଙ୍କା ଖର୍ଚ୍ଚ କରନ୍ତି। ଆର୍ଥିକ ଦୃଷ୍ଟିରୁ ଲାଭବାନ ହେଉଥିବା ବ୍ୟକ୍ତିମାନେ ହେଉଛନ୍ତି ଉତ୍ସ ମାଲିକ (ଯେଉଁମାନେ ମତ୍ସ୍ୟ ଉତ୍ପାଦନ ଫି ଆଦାୟ କରିଥାନ୍ତି), ମତ୍ସ୍ୟ ଉତ୍ପାଦନ ଅଞ୍ଚଳର କର୍ମଚାରୀ ଏବଂ ପଥପ୍ରଦର୍ଶକ (ଗାଇଡ୍), ଡଙ୍ଗା ମାଲିକ ଏବଂ ଯାତ୍ରା ଏବଂ ରହଣି ସେବା ପ୍ରଦାନ କରୁଥିବା ବ୍ୟକ୍ତି ବିଶେଷ।

ଯେ କୌଣସି ଗୋଟିଏ ସ୍ଥାନରେ ବ୍ୟବସାୟିକ ଭାବେ ଖାଦ୍ୟ ପାଇଁ ଏବଂ ମନୋରଞ୍ଜନ ପାଇଁ ମତ୍ସ୍ୟ ଉତ୍ପାଦନ ହେବା ସମ୍ଭବ ପର ନୁହେଁ । କାରଣ  ମନୋରଞ୍ଜନ ପାଇଁ ହେଉଥିବା  ମତ୍ସ୍ୟ ଉତ୍ପାଦନ ଏକ ଅଞ୍ଚଳରେ

ଅଧିକ ଅର୍ଥ ଆଣିପାରେ, ତେଣୁ ସେମାନେ ଖାଦ୍ୟ ଯୋଗାଇବା ପାଇଁ ଉପଲବ୍ଧ ଥିବା ମତ୍ସ୍ୟ ଉତ୍ପାଦନକୁ ଦୂରେଇ ଦେଇପାରନ୍ତି। ଏହିପରି ଦ୍ୱନ୍ଦ୍ୱକୁ ଏଡାଇବା ପାଇଁ ଦେଶଗୁଡିକ ସମ୍ଭାବ୍ୟ ମତ୍ସ୍ୟ ଉତ୍ପାଦନର ବ୍ୟବସାୟିକ ଉନ୍ନତି ଏବଂ ମନୋରଞ୍ଜନ ଜନିତ ମତ୍ସ୍ୟ ଉତ୍ପାଦନକୁ ଚୟନ କରିବା ଉଚିତ।



**ଉତ୍ତମ ପରିଚାଳନା ତତ୍ତ୍ୱ**

ଦୀର୍ଘକାଳୀନ ସଂରକ୍ଷଣ ଏବଂ ଆଭ୍ୟନ୍ତରୀଣ ସମ୍ବଳର ସ୍ଥାୟୀତ୍ୱ ପାଇଁ ଏକ ସୁପରିଚାଳିତ ମତ୍ସ୍ୟ ଉତ୍ପାଦନ ଜରୁରୀ ଅଟେ । ପରିବେଶ ପାଇଁ ନିରାପଦ ଅଭ୍ୟାସକୁ ଉତ୍ସାହିତ କରିବା ପାଇଁ, ସମସ୍ତ ସଂଗଠନ (ଜାତୀୟ, ଆଞ୍ଚଳିକ ଓ ସ୍ଥାନୀୟ) ଓ ମଧୁରଜଳର ବ୍ୟବହାର କରୁଥିବା ଅଣ-ମତ୍ସ୍ୟଜୀବୀ ପ୍ରକୃତିର ସଂଗଠନ ସମୂହ , ସେମାନଙ୍କର ପରିଚାଳନା ନୀତିକୁ ସର୍ବସାଧାରଣରେ ଜଣାଇବା ଉଚିତ। ସମସ୍ତ ଗୋଷ୍ଠୀର ମତାମତକୁ ଦୃଷ୍ଟିରେ ରଖି ଆଇନ ଏବଂ ନୀତିଗୁଡିକ ସ୍ପଷ୍ଟ ଭାବରେ ଚିନ୍ତା କରାଯିବା ଉଚିତ। ମତ୍ସ୍ୟଜୀବୀମାନେ ପରିବେଶ ନିୟମାବଳୀ ଦ୍ୱାରା ନିର୍ଧାରିତ ଢାଞ୍ଚାରେ କାର୍ଯ୍ୟ କରିବା ଉଚିତ ଏବଂ ନିୟମ ଉଲ୍ଲଂଘନକାରୀମାନେ ଦଣ୍ଡିତ ହେବା ଉଚିତ। ଅତ୍ୟଧିକ ପରିସ୍ଥିତିରେ, ଲୋକମାନଙ୍କର ମତ୍ସ୍ୟବୃତ୍ତି ଅଧିକାରକୁ ସ୍ଥଗିତ ରଖାଯିବା ଦରକାର।

ମତ୍ସ୍ୟ ପରିଚାଳନା ଯୋଜନାରେ ମଧୁରଜଳ ବ୍ୟବହାର ସମ୍ପର୍କିତ ବିବାଦର ମୁକାବିଲା ପାଇଁ ଏକ ସଂଗଠିତ କାର୍ଯ୍ୟଶୈଳୀକୁ ଅନ୍ତର୍ଭୂକ୍ତ କରାଯିବା ଉଚିତ। ଏଠାରେ ମତ୍ସ୍ୟ ଉତ୍ପାଦନ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଏବଂ ସିଧାସଳଖ ବିଭିନ୍ନ ମତ୍ସ୍ୟବୃତ୍ତି ମଧ୍ୟରେ ବିବାଦ ହୋଇପାରେ। ଉଦାହରଣ ସ୍ୱରୂପ : ଖାଦ୍ୟ, ମନୋରଞ୍ଜନ ଏବଂ ବ୍ୟବସାୟିକ ମତ୍ସ୍ୟଜୀବୀଙ୍କ ମଧ୍ୟରେ ବିବାଦ ଉପୁଜିପାରେ। କାରଣ ନୂତନ ବାଣିଜ୍ୟିକ ଏବଂ ମନୋରଞ୍ଜନଧର୍ମୀ ମତ୍ସ୍ୟଜୀବୀମାନେ ଏକ ମଧୁରଜଳ ଅଞ୍ଚଳକୁ ଯାଉଛନ୍ତି ଯାହା ଦ୍ୱାରା ସେହି ଅଞ୍ଚଳର ସହାୟକ ମତ୍ସ୍ୟଜୀବୀ ସମ୍ପ୍ରଦାୟ କ୍ଷତିଗ୍ରସ୍ତ ହୋଇପାରନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସମସ୍ତ ଉତ୍ସ ବ୍ୟବହାରକାରୀଙ୍କ ଅଧିକାର ଏବଂ ଦାଇତ୍ୱକୁ ଚିହ୍ନିବା ଏବଂ ବିବାଦର ସମାଧାନ ପାଇଁ ସମସ୍ତଙ୍କୁ ଜଡିତ କରିବା।

ବିବାଦର ସମାଧାନ ଏବଂ ସ୍ଥାୟୀ ମତ୍ସ୍ୟବୃତ୍ତିର ନୀତି ପ୍ରତିଷ୍ଠା କରିବା ପାଇଁ ପରିବେଶ ଏବଂ ସମ୍ବଳ ବିଷୟରେ ବାସ୍ତବ ସୂଚନା ଆବଶ୍ୟକ। ମତ୍ସ୍ୟ ଉତ୍ପାଦନର ପରିଚାଳନା ପାଇଁ ଉପଯୁକ୍ତ ପଦ୍ଧତି ନିର୍ଣ୍ଣୟ ହେବା ପୂର୍ବରୁ ଅନେକ ପ୍ରକାରର ସୂଚନା ଆବଶ୍ୟକ। ଉଦାହରଣ ସ୍ୱରୂପ, ଜଳ କିପରି ଏବଂ କାହା ଦ୍ୱାରା ବ୍ୟବହୃତ ହୁଏ ଏବଂ ମାଛର ମୂଲ୍ୟାୟନ ଓ ବିକ୍ରି କିପରି ହୁଏ ତାହା ଜାଣିବା ଜରୁରୀ ଅଟେ। ବିସ୍ତୃତ ମତ୍ସ୍ୟ ଯୋଜନା

ପ୍ରସ୍ତୁତ ହେବା ପୂର୍ବରୁ କିମ୍ବା ଅନ୍ୟାନ୍ୟ (ଅଣ ମାଛ ଧରା ) ପ୍ରକଳ୍ପର ପ୍ରଭାବକୁ ମୂଲ୍ୟାଙ୍କନ କରିବା ପୂର୍ବରୁ ଏପରି ସୂଚନା ଆବଶ୍ୟକ ହୋଇଥାଏ। ଥରେ ପ୍ରଭାବ ସ୍ଥିର ହୋଇଗଲେ, ଲୋକମାନେ କିପରି ନିଜ ସମ୍ପ୍ରଦାୟର ପରିବର୍ତ୍ତନ ସହିତ ଖାପ ଖୁଆଇପାରନ୍ତି ତାହା ଅନୁମାନ କରିବା ଆବଶ୍ୟକ।

ମତ୍ସ୍ୟ ଉତ୍ପାଦନ ବିଷୟରେ ସୂଚନା ସଂଗ୍ରହ ଏବଂ ବିବରଣୀ ପ୍ରସ୍ତୁତ କରିବା ଅନେକ ଦେଶରେ ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ପାଲଟିଛି। ତଥାପି, ମଧୁରଜଳ ଉପରେ ନଜର ରଖିବା କଷ୍ଟକର ବ୍ୟାପାର । କାରଣ ଛୋଟ ଝରଣା, ଛୋଟ ହ୍ରଦ, ଜଳାଶୟ ଇତ୍ୟାଦି ବହୁ ବିବିଧ ଏବଂ ବହୁ ବିସ୍ତାରିତ ଏବଂ ଏହା ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କୁ ଜୀବିକା ଯୋଗାଇ ଥାଏ । ଫଳସ୍ୱରୂପ, ବୃହତ ନଦୀ ଓ ହ୍ରଦଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ମତ୍ସ୍ୟ ଅବତରଣ ସ୍ଥାନଗୁଡ଼ିକରେ ପ୍ରାୟତଃ ଅଧ୍ୟୟନ ଗୁଡ଼ିକ କରାଯାଇଥାଏ। ତେବେ ଏହି ପଦ୍ଧତି ପ୍ରତି ସତର୍କ ରହିବା ଆବଶ୍ୟକ କାରଣ ଏହା ଦୂରରେ ହେଉଥିବା ମତ୍ସ୍ୟ ଉତ୍ପାଦନ ଏବଂ ଛୋଟ ସମ୍ପ୍ରଦାୟର ସଠିକ ଚିତ୍ର ପ୍ରଦାନ କରିପାରିବ ନାହିଁ।

ନିରୀକ୍ଷଣ (ମନିଟରିଂ)ର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ବିଭିନ୍ନ ଅଞ୍ଚଳରେ ମାଛ ଧରିବା ବିଷୟରେ ସୂଚନା ସଂଗ୍ରହ ଏବଂ ରେକର୍ଡ କରିବା। ଏହି ସୂଚନା ନିୟମିତ ବ୍ୟବଧାନରେ ସଂଗୃହିତ ହେବା ଆବଶ୍ୟକ, ଯାହା ଦ୍ୱାରା କର୍ତ୍ତୃପକ୍ଷଙ୍କୁ ପରିଶେଷରେ ବିଭିନ୍ନ ଅଞ୍ଚଳରୁ ସୂଚନା (ତଥ୍ୟ) ଏକାଠି କରିବା ସମ୍ଭବ ହୋଇଥାଏ। ତା'ପରେ ଜାତୀୟ ଏବଂ ଆନ୍ତର୍ଜାତୀୟ ମତ୍ସ୍ୟ ଉତ୍ପାଦନର ସମୁଦାୟ ଚିତ୍ରର ବିକାଶ କରାଯାଇପାରିବ।

ପ୍ରାୟତଃ ପରିବେଶର ନିରୀକ୍ଷଣ ଏବଂ ମତ୍ସ୍ୟ ପରିଚାଳନା ପାଇଁ ସର୍ବୋତ୍ତମ ସମାଧାନ ହେଉଛି ମତ୍ସ୍ୟ ଉତ୍ପାଦନ ଅଞ୍ଚଳରେ ସ୍ଥାନୀୟ ପରିଚାଳନା ଗୋଷ୍ଠୀ ଗଠନ କରିବା। ଏହି ଗୋଷ୍ଠୀମାନେ ସେଠାରେ ରହୁଥିବା ଏବଂ ମତ୍ସ୍ୟବୃତ୍ତି କରୁଥିବା ଅଧିବାସୀମାନଙ୍କ ମାଛ ଧରାକୁ ନିୟନ୍ତ୍ରଣ କରିବା, ରେକର୍ଡ ରଖିବା ଏବଂ ଦାଇତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଅନୁମତି ଦେବେ । ଏହାକୁ ସଫଳ କରିବା ପାଇଁ ସ୍ଥାନୀୟ ସମ୍ପ୍ରଦାୟ, ଜଳ ଏବଂ ଏହାର ଆଖପାଖ ଜମିକୁ ସୁସ୍ଥ ରଖିବା ପାଇଁ ନିଜେ ନିଜର ଅଧିକାର ଏବଂ ଦାଇତ୍ୱର ସ୍ପଷ୍ଟ ନିର୍ଦ୍ଧାରଣ କରିବା ଆବଶ୍ୟକ। ଆବଶ୍ୟକ ସ୍ଥଳେ, ଦେଶଗୁଡିକ ସମ୍ପ୍ରଦାୟ ମାନଙ୍କୁ ସେମାନଙ୍କର ମତ୍ସ୍ୟସଂଗ୍ରହ ପାଇଁ ନୀତି ପ୍ରସ୍ତୁତି ଏବଂ ସେଗୁଡିକୁ କାର୍ଯ୍ୟକାରୀ କରିବାକୁ ଶିଖିବାରେ ସାହାଯ୍ୟ କରିବା ପାଇଁ ତାଲିମ କାର୍ଯ୍ୟକ୍ରମ ଏବଂ ସମ୍ପ୍ରସାରଣ ଶ୍ରେଣୀ ସ୍ଥାପନ କରିବା ଉଚିତ।

ସ୍ଥାନୀୟ ପରିଚାଳକ ଗୋଷ୍ଠୀକୁ ଜଡିତ କରିବାର ଅନ୍ୟ ଏକ ଲାଭ ହେଉଛି ଜଳ, ମାଛ ଏବଂ ଜମି ସହିତ ଥିବା ସେମାନଙ୍କର ଭଲ  ଅଭିଜ୍ଞତା। ଉଦାହରଣ ସ୍ୱରୂପ ସେମାନେ ଜାଣନ୍ତି, ନଦୀ ଜଳସ୍ତରର ଅସ୍ଥିରତା ଏବଂ ମାଛ ପ୍ରଜନନ ସମୟକୁ ବିଚାର କରି ମତ୍ସ୍ୟଧରା ଋତୁ ଗୁଡିକ କିପରି ସ୍ଥିର କରାଯାଏ। ଯେତେବେଳେ ମତ୍ସ୍ୟ ସମ୍ପ୍ରଦାୟଗୁଡିକ ସହ-ପରିଚାଳକ ଭାବରେ ସଂଗଠିତ ହୁଅନ୍ତି, ନିୟମ ଏବଂ ନିୟମାବଳୀ ପାଳନ କରାଯିବା ନିଶ୍ଚିତ କରିବା ସହଜ ହୋଇଥାଏ।



**ପରିଚାଳନା ଅଭ୍ୟାସ**

ମାଛର ନିରନ୍ତର ଯୋଗାଣ ନିଶ୍ଚିତ କରିବା ପ୍ରୟାସରେ ମତ୍ସ୍ୟ ଉତ୍ପାଦନକୁ ସଫଳ ହେବାପାଇଁ ମାତ୍ରାଧିକ ମତ୍ସ୍ୟ ଉତ୍ପାଦନ ଏଡାଇବା ଆବଶ୍ୟକ। ମତ୍ସ୍ୟ ଅଭିବୃଦ୍ଧି ଏବଂ ପରିବେଶକୁ ଲାଭପ୍ରଦ ପ୍ରଣାଳୀ ଅବଲମ୍ବନ କରାଯାଉଥିଲେ ମଧ ମତ୍ସ୍ୟବୃତ୍ତି ସମ୍ପ୍ରଦାୟଗୁଡିକ ମାଛମରାକୁ ସୀମିତ  ରଖିବା ଉଚିତ।

ଯଦି କୌଣସି ନଦୀ କିମ୍ବା ହ୍ରଦରେ ଅନେକ ପ୍ରକାରର ମାଛ ଥାନ୍ତି, ତେବେ ସେଠାରେ ଅଧିକ ମାଛଧରା ହେଉଛି କି ନାହିଁ ତାହା ଜାଣିବା କଷ୍ଟକର। ଯଦି ବୃହତ ପ୍ରଜାତିର ମାଛସଂଖ୍ୟା ହ୍ରାସ ହୁଏ ଏବଂ ଦ୍ରୁତ ଗତିରେ ବଢୁଥିବା ଛୋଟ ମାଛ ମାନଙ୍କ ସଂଖ୍ୟା ବଢିବା ଜଣାପଡେ ତେବେ ମାତ୍ରାଧିକ ମାଛମରା ହେଉଛି ବୋଲି ଧରାଯାଇପାରେ। ଯେତେବେଳେ ଏହା ଘଟେ, ଧରାଯାଇଥିବା ମାଛ ସଂଖ୍ୟା ବଢିଥାଏ, କିନ୍ତୁ ଏହାର ମୂଲ୍ୟ ହ୍ରାସ ହୁଏ ଏବଂ ଶେଷରେ ସମଗ୍ର ମତ୍ସ୍ୟ ଉତ୍ପାଦନ ବିପଦରେ ପଡିପାରେ। ଅତ୍ୟଧିକ ମତ୍ସ୍ୟ ଉତ୍ପାଦନ ଉପରେ ସଂଶୋଧନ କରିବା ଏବଂ ନିରନ୍ତର ମାଛ ଯୋଗାଣକୁ ସୁନିଶ୍ଚିତ କରିବାର ଏକ ଉପାୟ ହେଉଛି ଜଳକୁ  ବ୍ୟବହାର କରୁଥିବା ଲୋକଙ୍କ ମଧ୍ୟରେ ମାଛଧରା ଅଧିକାର ବଣ୍ଟନ କରିବା।

ସମ୍ପୃକ୍ତ ଅଞ୍ଚଳରେ କିଏ ମତ୍ସ୍ୟବୃତ୍ତି କରିପାରିବ ଏବଂ ସେମାନଙ୍କ ପ୍ରବେଶ ଅଧିକାର କେତେ ସମୟ ପର୍ଯ୍ୟନ୍ତ ଚାଲିବ ସେ ସମ୍ବନ୍ଧରେ ସାବଧାନ ନିଷ୍ପତ୍ତି ମଧ ମତ୍ସ୍ୟ ଅଧିକାର ଦାୟିତ୍ୱର ଅନ୍ତର୍ଭୁକ୍ତ। ଥରେ ଅଧିକାର ନ୍ୟସ୍ତ ହୋଇଗଲେ, ଏକ ନିର୍ଦ୍ଦିଷ୍ଟ ଜଳରାଶିରେ କାହାକୁ ମାଛ ମାରିବାକୁ ଅନୁମତି ଦିଆଯାଇଛି ଏବଂ ଡଙ୍ଗାରୁ, କୂଳରୁ କିମ୍ବା ଭେଳା (ରାଫ୍ଟ) ରୁ ସେମାନଙ୍କୁ ମାଛ ଧରିବାକୁ ଅନୁମତି ମିଳିଛି କି ନାହିଁ ତାହା ନିଶ୍ଚିତ ହେବା ଆବଶ୍ୟକ।

ମଧୁରଜଳରେ ଅନେକ ପ୍ରକାରର ମାଲିକାନା ଏବଂ ପ୍ରବେଶ ଅଧିକାର ରହିଛି। ଏହି ଅଧିକାରଗୁଡିକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ମାଲିକାନା ଥିବା ଛୋଟ ହ୍ରଦ ଏବଂ ପୋଖରୀଗୁଡ଼ିକ ଠାରୁ ଆରମ୍ଭ କରି ସମସ୍ତ ଲୋକଙ୍କ ପାଇଁ ଖୋଲାଅଞ୍ଚଳ ପର୍ଯ୍ୟନ୍ତ ହୋଇଥାଏ। ବେଳେବେଳେ ପ୍ରବେଶ ଅଧିକାର ସ୍ଥାନୀୟ ସମ୍ପ୍ରଦାୟର କିମ୍ବା ସରକାରଙ୍କର ହୋଇଥାଏ ଏବଂ ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ ପ୍ରବେଶ ଅନୁମତି ସୀମିତ ଥାଏ। ଯେଉଁ ମଧୁର ଜଳ ଅଞ୍ଚଳରେ କୌଣସି ସ୍ୱୀକୃତିପ୍ରାପ୍ତ ପ୍ରବେଶ ଅଧିକାର ନାହିଁ, ସେହି ଜଳ ଉତ୍ସଗୁଡିକ ସମସ୍ତଙ୍କ ପାଇଁ ଖୋଲା ବୋଲି ବିବେଚନା କରାଯାଏ। ଯେଉଁଠାରେ ପ୍ରବେଶ ଅଧିକାର ସମସ୍ତଙ୍କ ପାଇଁ ଖୋଲା

ଥାଏ, ସେଠାରେ ମତ୍ସ୍ୟବୃତ୍ତି ମୁଖ୍ୟତଃ ଭୂମିହୀନ ଲୋକମାନଙ୍କ ପାଇଁ ଜୀବିକାର ଶେଷ ପନ୍ଥା ପ୍ରଦାନ କରିଥାଏ। ମୁକ୍ତ ପ୍ରବେଶ ଅଞ୍ଚଳରେ ଥିବା ମାଛଗୁଡିକୁ ବେଳେବେଳେ 'ଦୁର୍ଭିକ୍ଷ ଫସଲ' କୁହାଯାଇଥାଏ।

ମତ୍ସ୍ୟବୃତ୍ତି ଅଧିକାରର ଏକ ପ୍ରତିଷ୍ଠିତ ପ୍ରଣାଳୀ ଦୀର୍ଘ ସମୟ ଧରି ନ୍ୟସ୍ତ ଥିବା ଦେଶମାନଙ୍କରେ, ମତ୍ସ୍ୟଜୀବୀଙ୍କ ସ୍ୱାର୍ଥରେ ଉତ୍ସକୁ ସ୍ଥାୟୀ ଉପାୟରେ ପରିଚାଳନା କରିବା ପାଇଁ ହୁଏ। ଯେଉଁଠାରେ ଅଧିକାରଗୁଡିକ ଅତି ସ୍ୱଳ୍ପ ସମୟ ପାଇଁ ନ୍ୟସ୍ତ ହୁଏ, ବ୍ୟବସାୟିକ ମତ୍ସ୍ୟଜୀବୀମାନେ ପ୍ରଚୁର ମାଛ ଧରି ଶୀଘ୍ର ଲାଭ କରିବାକୁ ଚେଷ୍ଟା କରିଥାନ୍ତି। ଏହା ବିଶେଷ ଭାବରେ ସତ୍ୟ ଅଟେ ଯେଉଁଠାରେ ପ୍ରବେଶ ଅଧିକାର ପ୍ରଦାନ ଏକ ନିଲାମର ଫଳାଫଳ ଅଟେ (ଅର୍ଥାତ୍ ଯେଉଁଠାରେ ମତ୍ସ୍ୟଜୀବୀମାନେ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ କିମ୍ବା ଏକ ନିର୍ଦ୍ଦିଷ୍ଟ ପରିମାଣର ମାଛଧରା ପାଇଁ କିମ୍ବା ମାଛ ଧରିବାର ଅଧିକାରକୁ କିଣିବା ପାଇଁ ପରସ୍ପର ବିରୁଦ୍ଧରେ ନିଲାମ ଡାକନ୍ତି )।

***

ଉତ୍ତମ ମାଲିକାନା ଏବଂ ପ୍ରବେଶ ନୀତିକୁ ପ୍ରଶଂସା କରିବା ପାଇଁ ମାଛଧରା ଜାଲ ଓ ଯନ୍ତ୍ର ଉପରେ ପ୍ରତିବନ୍ଧକ ଲଗାଇବା ଆବଶ୍ୟକ ହୋଇପାରେ। ମତ୍ସ୍ୟ ପରିଚାଳକମାନେ ମାଛଧରା ଜାଲ ଓ ଯନ୍ତ୍ର ର ବ୍ୟବହାର ଏବଂ ପଦ୍ଧତିକୁ ସୀମିତ କରୁଥିବା ନିୟମାବଳୀ ପ୍ରସ୍ତୁତ କରିବା ଉଚିତ ଯାହା ମାଛ କିମ୍ବା ମାଛମାନଙ୍କ ବାସସ୍ଥାନକୁ ନଷ୍ଟ କରିଥାଏ। କ୍ଷତିକାରକ ଜାଲ ଓ ଯନ୍ତ୍ର ଉପରେ ନିଷେଧାଦେଶ ଆବଶ୍ୟକ ହୋଇପାରେ, କିନ୍ତୁ ମତ୍ସ୍ୟଜୀବୀ ସମ୍ପ୍ରଦାୟର ଆବଶ୍ୟକତାକୁ ଧ୍ୟାନରେ ରଖିବା ଆବଶ୍ୟକ।

ବର୍ଷସାରା ବିଭିନ୍ନ ସମୟରେ ମାଛ ଧରିବାର ପ୍ରକାର, ପରମ୍ପରା ଏବଂ ଜଳ ଅବସ୍ଥା ଉପରେ ନିର୍ଭର କରି ମଧୁରଜଳରେ ବିଭିନ୍ନ ପ୍ରକାରର ମାଛଧରା ଜାଲ ଓ ଯନ୍ତ୍ର ବ୍ୟବହୃତ ହୁଏ। ସାଧାରଣତଃ, ବିତ୍ତଶାଳୀ ମତ୍ସ୍ୟଜୀବୀମାନେ ମହଙ୍ଗା ଓ ଅଧିକ ପ୍ରଭାବଶାଳୀ ଜାଲ ଓ ଯନ୍ତ୍ର ବ୍ୟବହାର କରୁଥିବାବେଳେ, ଆର୍ଥିକ ଭାବରେ ଦୁର୍ବଳ ମତ୍ସ୍ୟଜୀବୀମାନେ କେବଳ ସରଳ, ସାଧାରଣ ଜାଲ ଓ ଯନ୍ତ୍ର ପାଇଁ ସକ୍ଷମ ହୋଇପାରନ୍ତି। ଧ୍ୟାନ ଦେବା ଉଚିତ ଯେପରି ଗରିବ ମତ୍ସ୍ୟଜୀବୀମାନେ ଜାଲ ଓ ଯନ୍ତ୍ର ପ୍ରତିବନ୍ଧକର ଶିକାର ନ ହୁଅନ୍ତି।

ମାଛଧରା ଜାଲ ଓ ଯନ୍ତ୍ର ପ୍ରତିବନ୍ଧକକୁ ପରିଶିଷ୍ଟ କରିବା ପାଇଁ ଧରାଯାଉଥିବା ମାଛ ପାଇଁ ସର୍ବନିମ୍ନ ଦୈର୍ଘ୍ୟ ଧାର୍ଯ୍ୟ ଥିବା ସାଧାରଣ ପରିଚାଳନା ନୀତି ରହିବା ଆବଶ୍ୟକ। ଉଦାହରଣ ସ୍ୱରୂପ, ବଡ଼ ଫନ୍ଦା ବିଶିଷ୍ଟ( ଲାର୍ଜ ମେଶ ସାଇଜ) ଜାଲର ବ୍ୟବହାର ଆବଶ୍ୟକ ହୋଇପାରେ ଯାହା ଦ୍ୱାରା ଛୋଟ ମାଛ ଧରାପଡିବାରୁ ରକ୍ଷା ପାଇପାରିବେ। ସେହିଭଳି, ପ୍ରଜନନ ଋତୁରେ ମାଛର ସୁରକ୍ଷା ପାଇଁ ଏବଂ ମାତ୍ରାଧିକ ମାଛଧରାକୁ ଅଟକାଇବା ପାଇଁ ଋତୁକାଳୀନ ପ୍ରତିବନ୍ଧକ ଲାଗୁହେବା ଆବଶ୍ୟକ। ମତ୍ସ୍ୟଭଣ୍ଡାରର ସୁରକ୍ଷା ପାଇଁ ମାଛ ଧରିବା

ଉପରେ ନିୟନ୍ତ୍ରଣ ରଖିବା, ମାଛଧରା ଜାଲ ଓ ଯନ୍ତ୍ର, ଋତୁକାଳୀନ କିମ୍ବା ଆକାର ପ୍ରତିବନ୍ଧକ ଭଳି ସଂରକ୍ଷଣ କିମ୍ବା ସ୍ଥାୟୀ ପଦକ୍ଷେପ ଲାଗୁ ହେବା ଉଚିତ।

ମାଛ ନଷ୍ଟ ନକରିବା ମଧ୍ୟ ଆବଶ୍ୟକ ଅଟେ। ବଜାରକୁ ନେବା, ବିକ୍ରି ହେବା କିମ୍ବା ଖାଇବା ପର୍ଯ୍ୟନ୍ତ ଅମଳ ହୋଇଥିବା ମାଛଗୁଡିକ ପୁଷ୍ଟିକର ଏବଂ ଉତ୍ତମ ଗୁଣସମ୍ପନ୍ନ ବୋଲି ମତ୍ସ୍ୟଜୀବୀମାନେ ନିଶ୍ଚିତ କରିବା ଉଚିତ। ମତ୍ସ୍ୟଜୀବୀମାନଙ୍କର ସାଧାରଣତଃ ମାଛ ଧରିବା ଏବଂ ବିକ୍ରି କରିବା ମଧ୍ୟରେ ସତେଜ ରଖିବା ପାଇଁ କୌଣସି ସଂଗଠିତ ମାଧ୍ୟମ ନାହିଁ। ଧୂମ୍ର ପ୍ରୟୋଗ (ସ୍ମୋକିଙ୍ଗ) ଏବଂ ଖରାରେ ଶୁଖାଇବା (ଯାହା ଫଳସ୍ୱରୂପ ନିମ୍ନ ମାନର ହୋଇଥାଏ) ଧରିଥିବା ମାଛକୁ ସଂରକ୍ଷଣ କରିବାର ସାଧାରଣ ପଦ୍ଧତି ଯାହା ବଜାରରେ ପହଞ୍ଚିବା ପୂର୍ବରୁ କରାଯାଇଥାଏ। ତଥାପି, ଯେହେତୁ ଧୂମ୍ର ପ୍ରୟୋଗ ପାଇଁ ଅଧିକ କାଠର ବ୍ୟବହାର ଦ୍ୱାରା ଜଙ୍ଗଲ ନଷ୍ଟ ହୋଇପାରେ, ତେଣୁ ମତ୍ସ୍ୟ ସଂରକ୍ଷଣର ଉନ୍ନତ ପଦ୍ଧତି ବିକଶିତ ହେବା ଆବଶ୍ୟକ।

ମଧୁରଜଳରୁ ମତ୍ସ୍ୟ ଉତ୍ପାଦନ ପାଇଁ ହ୍ରଦ ଏବଂ ନଦୀ ଅବବାହିକାର ଭଲ ପରିଚାଳନା ଆବଶ୍ୟକ ହୋଇଥାଏ। ଶିଳ୍ପାୟନ, ସହରୀକରଣ, ଜଙ୍ଗଲ କ୍ଷୟ, ଖଣି, କୃଷି ଜମି ଏବଂ ଜଳର ବ୍ୟବହାର ଅନେକ ସମୟରେ ଜଳୀୟ ପରିବେଶର ଅବନତି ଘଟାଇଥାଏ। ଏହି ଅବନତି ମଧୁରଜଳରୁ ମତ୍ସ୍ୟ ଉତ୍ପାଦନ ପାଇଁ ସବୁଠାରୁ ବଡ ବିପଦ। ଏହି ବିପଦଗୁଡିକ ମଧ୍ୟରୁ ଅନେକ ଏକତ୍ର ଘଟେ ଏବଂ ପାରସ୍ପରିକ କ୍ରିୟାଶୀଳ ହୋଇଥାଏ। ସେଗୁଡିକ ମୁଖ୍ୟତଃ ନଦୀ ଏବଂ ହ୍ରଦ ଅବବାହିକାରେ ହୋଇଥାଏ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ତେଣୁ ପରିବେଶ ସମସ୍ୟା ତଥା ହ୍ରଦ ଏବଂ ନଦୀ ଅବବାହିକାର ଆନୁଷ୍ଠାନିକ ତଥା ସାମାଜିକ-ଅର୍ଥନୈତିକ ବାସ୍ତବତା ଆଭ୍ୟନ୍ତରୀଣ ମତ୍ସ୍ୟ ପରିଚାଳନାର ଅନ୍ତର୍ଭୁକ୍ତ ହେବା ଆବଶ୍ୟକ।



ମଧୁରଜଳରୁ ମତ୍ସ୍ୟ ଉତ୍ପାଦନ ଏବଂ ଅନ୍ୟାନ୍ୟ କ୍ଷେତ୍ର ମଧ୍ୟରେ ଉପୁଜୁଥିବା ପ୍ରତିକୂଳ ପାରସ୍ପରିକ କ୍ରିୟା ଏବଂ ଦ୍ୱନ୍ଦ୍ୱକୁ ନିୟନ୍ତ୍ରଣ ତଥା ହ୍ରାସ କରିବା ପାଇଁ ଆବଶ୍ୟକ ନୀତିର ବିକାଶ, ଆଇନଗତ ଏବଂ ଅନୁଷ୍ଠାନିକ ପରିଚାଳନା ଢାଞ୍ଚାଗୁଡ଼ିକର ବିକାଶ ପାଇଁ ବ୍ୟାପକ ଆଭିମୁଖ୍ୟ ଆବଶ୍ୟକ। ମତ୍ସ୍ୟବୃତ୍ତି ଏବଂ ଅନ୍ୟାନ୍ୟ ଉପଭୋକ୍ତାମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଉତ୍ସଗୁଡ଼ିକର ଯୋଜନା ଏବଂ ପରିଚାଳନାକୁ ମଧ୍ୟ

ଏହି ପ୍ରକ୍ରିୟା ସାହାଯ୍ୟ କରିଥାଏ। ମତ୍ସ୍ୟ ପ୍ରଶାସକ ଏବଂ ହିତାଧିକାରୀମାନେ ଏହିପରି ବ୍ୟାପକ ସମନ୍ୱିତ ଯୋଜନା ପ୍ରସ୍ତୁତ ଏବଂ କାର୍ଯ୍ୟାନ୍ୱୟନରେ ଅଂଶଗ୍ରହଣ କରିବା ଉଚିତ। ସମୁଦାୟ ଅବବାହିକା କୁ ପ୍ରଭାବିତ କଲାଭଳି ନିଷ୍ପତ୍ତି ଏବଂ ଯୋଜନା ପ୍ରଣୟନ କଲାବେଳେ ମତ୍ସ୍ୟଜୀବୀ ସମେତ ସମସ୍ତ ହିତାଧିକାରୀ ମାନଙ୍କ ପରାମର୍ଶ ନିଆଯିବା ବିଧେୟ।

ବିଭିନ୍ନ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉତ୍ତମ ସହଯୋଗ ନଦୀର ଅବବାହିକା ପରିଚାଳନା ପ୍ରକ୍ରିୟା ଉପରେ ନଜର ରଖିବା ପାଇଁ କୌଶଳ ପ୍ରତିଷ୍ଠା କରିପାରେ। ନଦୀ ଏବଂ ହ୍ରଦରେ ପ୍ରତିକୂଳ ସୀମାବଦ୍ଧ ପରିବେଶ ପ୍ରଭାବକୁ ରୋକିବାରେ ଏହିପରି ତଦାରଖ ପ୍ରକ୍ରିୟା ମଧ୍ୟ ଅତ୍ୟନ୍ତ ଉପଯୋଗୀ ପ୍ରମାଣିତ ହୋଇପାରେ।

***

ନିରନ୍ତର ମତ୍ସ୍ୟବୃତ୍ତିକୁ ସୁନିଶ୍ଚିତ କରିବାରେ ଅର୍ଥ ପ୍ରଦାନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ। ସ୍ଥାନୀୟ ସ୍ତରରେ ମାଛଧରା ଜାଲ ଓ ଯନ୍ତ୍ର କିଣିବା ଏବଂ ମତ୍ସ୍ୟ ସଂରକ୍ଷଣ ପାଇଁ ଆବଶ୍ୟକୀୟ ନିର୍ମାଣ ମହଙ୍ଗା ହୋଇପାରେ। ମତ୍ସ୍ୟ ଉତ୍ପାଦନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ଏବଂ ତଦାରଖ କରିବା, ମଧୁରଜଳ ପାଇଁ ଆବଶ୍ୟକ ପୁନର୍ବାସ ଏବଂ ସଂରକ୍ଷଣ ପଦକ୍ଷେପ ଗ୍ରହଣ କରିବା ଏବଂ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପରିବେଶ ଏବଂ ସାମାଜିକ ପ୍ରଭାବ ଆକଳନ ପାଇଁ ଗବେଷଣା ଇତ୍ୟାଦି ପାଇଁ ଆଞ୍ଚଳିକ ଏବଂ ଜାତୀୟ ସ୍ତରରେ ଅର୍ଥର ଆବଶ୍ୟକ ହୋଇଥାଏ। ଯେଉଁ ଅଞ୍ଚଳରେ ଶିଳ୍ପ ପ୍ରଦୂଷଣ ସ୍ଥାନୀୟ ମତ୍ସ୍ୟ ଉତ୍ପାଦନ ପ୍ରତି ବିପଦ ସୃଷ୍ଟି କରେ ସେଠାରେ ପଙ୍କ ଏବଂ ରାସାୟନିକ ପଦାର୍ଥକୁ ନିୟନ୍ତ୍ରଣ କରିବା ପାଇଁ ଖର୍ଚ୍ଚ ବହୁତ ଅଧିକ ହୋଇପାରେ। ପ୍ରଦୂଷଣକାରୀଙ୍କୁ ଏହି ଖର୍ଚ୍ଚ ବହନ କରିବା ପାଇଁ ମତ୍ସ୍ୟ ନୀତି ଗଠନ କରିବା ଆବଶ୍ୟକ।

କ୍ଷୁଦ୍ର-ମଧୁରଜଳରୁ ମତ୍ସ୍ୟବୃତ୍ତି କରୁଥିବା ମତ୍ସ୍ୟଜୀବୀମାନେ ନିରନ୍ତର ମତ୍ସ୍ୟ ପ୍ରତିଷ୍ଠା ଏବଂ ପରିଚାଳନା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପକୁ ଅର୍ଥ ପ୍ରଦାନ କରିବାରେ ସକ୍ଷମ ନୁହଁନ୍ତି। କ୍ଷୁଦ୍ର ଏବଂ ସହାୟକ ମତ୍ସ୍ୟବୃତ୍ତିକୁ ସହାୟତା କରିବା ପାଇଁ ସରକାର, ଉନ୍ନୟନ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ଏଜେନ୍ସି ସହିତ କାର୍ଯ୍ୟ କରିବା ଉଚିତ। ଯେହେତୁ ମଧୁରଜଳ ଅଞ୍ଚଳର ଅଣ-ମତ୍ସ୍ୟବୃତ୍ତି ଅଂଶୀଦାର ମାନେ ବାହ୍ୟ ଆର୍ଥିକ ସହାୟତା ପାଇପାରନ୍ତି, ତେଣୁ ସରକାର ଏହି ସୂତ୍ର ଗୁଡ଼ିକରୁ ପରିଚାଳନା କାର୍ଯ୍ୟକ୍ରମ ତଥା ପ୍ରଦୂଷଣ ବିରୋଧୀ କାର୍ଯ୍ୟକ୍ରମ ପାଇଁ ଅର୍ଥ ଆୟୋଜନ କରିବା ଉଚିତ। ଏହି ଉପାୟରେ ମଧୁରଜଳ ଅଞ୍ଚଳର ସମସ୍ତ ବ୍ୟବହାରକାରୀଙ୍କ ପାଇଁ ଏକ ଆର୍ଥିକ ପରିଚାଳନା ଯୋଜନା ସୁରକ୍ଷିତ ହୋଇପାରିବ।

ମଧୁରଜଳ  ପରିପୂର୍ଣ୍ଣ ଅଞ୍ଚଳର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶିକା ହେଉଛି ଏକ ସୁସ୍ଥ ପରିବେଶ ବଜାୟ ରଖିବା ସହିତ ଯଥାସମ୍ଭବ ହିତାଧିକାରୀମାନଙ୍କ ପାଇଁ ସମସ୍ତ କାର୍ଯ୍ୟକଳାପରୁ ଲାଭ ବୃଦ୍ଧି କରିବା।



ଏହି ବୁକଲେଟ , ଅଭ୍ୟନ୍ତରୀଣ ମସ୍ତ୍ୟ ସଂଗ୍ରହ ସହିତ କାରବାର କରୁଥିବା FAO ଦାୟିତ୍ବ ବୋଧକ ବୈଷୟିକ ଗାଇଡଲାଇନ ସଂଖ୍ୟା ୬ ର  କିଛି ଗୁରୁତ୍ବପୂର୍ଣ ଦିଗକୁ  ଏକ ଅଣ ବୈଷୟିକ ଢଙ୍ଗରେ ବର୍ଣନା କରେ | ଏହି ବୁକଲେଟ ର ଉଦ୍ଦେଶ୍ୟ  ହେଉଛି FAO ସଦସ୍ୟ ଏବଂ ଅନ୍ୟ ହିତାଧିକାରୀଙ୍କୁ ଦାଇତ୍ଵ ବୋଧକ ଅଭ୍ୟନ୍ତରୀଣ ମସ୍ତ୍ୟସଂଗ୍ରହ ର ବିକାଶ ଓ ପରିଚାଳନା ର ଲକ୍ଷ ଏବଂ ଅଭ୍ୟାସ ସହିତ ପରିଚିତ ହେବାରେ ସାହାଯ୍ୟ କରିବା | ଏହି ବୁକଲେଟ ବୈଷୟିକ ଗାଇଡଲାଇନ ସଂଖ୍ୟା ୬ କୁ ବଦଳାଉ ନାହିଁ କିନ୍ତୁ ସେହି ଗାଇଡଲାଇନ ରେ ଥିବା କିଛି ଜଟିଳ ସୂଚନାକୁ ଆଭ୍ୟନ୍ତରୀଣ ମସ୍ତ୍ୟସଂଗ୍ରହର ସମସ୍ତ ଉପଭୋକ୍ତାଙ୍କ ନିକଟରେ ଅଧିକ ସୁଗମ କରିବା ପାଇଁ ଏକ ସରଳୀକୃତ ଫର୍ମରେ କେବଳ ଉପସ୍ଥାପନ କରେ |